# Akashvani, Sambalpur

# SAMBALPURI NEWS BULLETIN

## 29 September 2025 – 6.47- 6.52 am.

*************************************************

ଜାତୀୟ ମଧ୍ୟସ୍ଥତା ସମ୍ମିଳନୀ          ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ସମ୍ମିଳନୀ କକ୍ଷ ନ ୨ ଦିନ୍ ଧରିକରି ଚାଲିଥିବା ୨ ନମ୍ବର୍ ଜାତୀୟ ମଧ୍ୟସ୍ଥତା ସମ୍ମିଳନୀ -୨୦୨୫ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ଉଦ୍‌ଯାପନୀ ସଞ୍ଚେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଯୋଗ୍ ଦେଇକରି କହିଛନ୍, ଓଡ଼ିଶା ମାଟି ହେଉଛେ ମଧ୍ୟସ୍ଥତାର୍ ମାଟି । ଆମର୍ ଦେଶେ ଇହାଦେ ପାଖାପାଖି ୪ କୋଟି ଭିନ୍ ଭିନ୍ ମାମ୍‌ଲା ରହିଛେ । ଇସବୁର୍ ସମାଧାନ୍ କର୍‌ବାର୍ ଦିଗେ ମଧ୍ୟସ୍ଥତାର ବଡ଼ ଅବଦାନ୍ ରହେବା ବଲି ଶ୍ରୀ ପ୍ରଧାନ୍ କହିଛନ୍ । ରାଜ୍ୟ ଆଇନ୍ ବିଭାଗ୍ ତର୍‌ଫୁ ହେଇଥିବା ଇ କାର୍ଯ୍ୟକ୍ରମ୍‌ର ପହେଲା ଦିନେ ସୁପ୍ରିମ୍‌କୋର୍ଟର ମୁଖ୍ୟ ବିଚାର୍‌ପତି ଜଷ୍ଟିସ୍ ବି.ଆର୍. ଗବାଇ, ରାଜ୍ୟପାଲ୍ ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇଥିବାର୍ ବେଲେ ୨ ଦିନ୍ ଧରିକରି ହେଇଥିବା ଇ ସମ୍ମିଳନୀଥି ସୁପ୍ରିମ୍‌କୋର୍ଟର ବିଚାର୍‌ପତି ଭିନ୍ ଭିନ୍ ରାଜ୍ୟମାନ୍‌କର୍ ଉଚ୍ଚନ୍ୟାୟାଳୟର୍ ମୁଖ୍ୟବିଚାର୍‌ପତିମାନେ ଯୋଗ୍ ଦେଇଥିଲେ ।

ଉପନିର୍ବାଚନ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ବିହାର୍ ନିର୍ବାଚନ୍ ସହେତେ ନୂଆପଡ଼ା ନ ଉପନିର୍ବାଚନ୍ ହେବା । ଇଥିର୍‌ସହେତେ ଦେଶର୍ ୬ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍‌ର ଆଉ ୭ ଟା ବିଧାନ୍‌ସଭା ଆସନ୍ ନ ଭିଲ୍ ନିର୍ବାଚନ୍ କରାଯିବା । ଗଲାକାଏଲ୍ ଭାରତ୍‌ର ନିର୍ବାଚନ୍ ଆୟୋଗ- ଇସିଆଇ ଙ୍କର୍ ତର୍‌ଫୁ ବିଧିବଦ୍ଧ ଭାବେ ଜନେଇ ଦିଆଯାଇଛେ । ନିର୍ବାଚନ୍‌ର ଠିକ୍ ଭାବେ ପରିଚାଲନା ଲାଗି ୪ ଶହ ୭୦ ଝନ୍ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କୁ ନିୟୋଜିତ୍ କରାଯାଇଛେ । ସେମାନ୍‌କୁ ଇ ବାବ୍‌ଦେ ୩ ତାରିଖ୍ ଦିନ ତାଲିମ୍ ଦିଆଯିବା । ଇତାର୍‌ଉତ୍‌ରୁ ସେମାନେ କାମ୍‌ଥି ଯୋଗ୍ ଦେବେ ବଲି ଇସିଆଇ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଧର୍ମେନ୍ଦ୍ର ପ୍ରଧାନ୍ -ଚୁକ୍ତିପତ୍ର          ଆର୍‌ଏନ୍‌ୟୁ/ କଟକ୍

ରାଏଜେ ସାମାଜିକ୍ ଗବେଷଣାକେ ତହଁକାବାର୍ ଆଉ ଓଡ଼ିଶାର୍ ଭବିଷ୍ୟତ୍ ଲାଗି ବାଟ୍ କଢ଼ାବାର୍ ଲକ୍ଷ୍ୟଥି ଗଲାକାଏଲ୍ ଓଡ଼ିଶା ଗବେଷଣା କେନ୍ଦ୍ର ଆଉ ଗୁଟେ ଘରୋଇ ସଂସ୍ଥା ଭିତ୍‌ରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍‌ଙ୍କର୍ ଉପସ୍ଥିତିଥି ଗୁଟେ ଚୁକ୍ତିପତ୍ର ସ୍ୱାକ୍ଷରିତ୍ ହେଇଛେ । ଇ ପଦକ୍ଷେପ୍ ଜରିଏ ଓଡ଼ିଶାର୍ ଯୁଆନ୍ ପିଢ଼ିର୍ ଲାଗି ଗବେଷଣା କ୍ଷେତ୍ରଥି

ନୂଆଁ ଅଧ୍ୟାୟ ମୁଲ୍ ହେବା ବଲି ଶ୍ରୀ ପ୍ରଧାନ୍ କହିଛନ୍ । କାର୍ଯ୍ୟକ୍ରମ୍‌ଥି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଭିଲ୍ ଉପସ୍ଥିତ୍ ଥିଲେ ।

ଭାଇ ଜିଉଁତିଆ ଆର୍‌ଏନ୍‌ୟୁ ସମ୍ବଲପୁର୍

ଦଶ୍‌ରା ମାସର୍ ଉଜଲ୍‌ପଖର୍ ଅଷ୍ଟମୀ ତିଥି ନ ଆଏଜ୍ ପଶ୍ଚିମ ଓଡ଼ିଶାର୍ ପବିତ୍ର ଭାଇ ଜିଉଁତିଆ ପାଲନ୍ କରାଯାଉଛେ । ଭାଏମାନ୍‌କର୍ ଲମ୍ବା ଜୀବନ୍ ଆର୍ ମଙ୍ଗଲ୍ କାମ୍‌ନା କରିକରି ଦୁର୍ଗା ଅଷ୍ଟମୀ ଅବ୍‌ସରେ ବହେନ୍ ମାନେ ଉପାସ୍ କରୁଛନ୍ । ସଞ୍ଜ୍ ବେଲେ ଦେବୀପୀଠମାନ୍‌କେ ଭାଇ ଜିଉଁତିଆ କୁଠି ନ ପୂଜା ହେବା । ଦଶ୍‌ରା ପୂଜା ଲାଗି ଶକ୍ତିପୀଠ ମାନ୍‌କେ ଭକ୍ତମାନ୍‌କର୍ ଜବର୍ ଭିଡ୍ ଦେଖିବାର୍‌କେ ମିଲିଛେ । ଆଏବା କାଏଲ୍ ସଖାଲୁ ଶହେ ୮ ଅକ୍ଷତ ଚାଉଲ୍ ଆଉ ଦୁବ୍ ଛିଏଁଇକରି ବହେନ୍‌ମାନେ ଭାଏମାନ୍‌କୁ ବନ୍ଦାବେ ।

ଦୁର୍ଗାପୂଜା ଆର୍‌ଏନ୍‌ୟୁ ସମ୍ବଲପୁର୍

ଜଗତ୍‌ଜନନୀ ମା ଦୁର୍ଗାଙ୍କର୍ ଆଏଜ୍ ମହାଷ୍ଟମୀ ଲାଗି ମନ୍ଦିର୍‌ମାନ୍‌କେ ରୀତିନୀତି ଅନ୍‌ସାରେ ପୂଜା ଚାଲିଛେ । ସାର୍ବଜନୀନ ପୂଜା ମଣ୍ଡପ୍ ମାନ୍‌କେ ଗଲାରାତି ବିଲ୍ୱବରଣ କରାଯାଇକରି ମହାସପ୍ତମୀ

ତିଥି ପୂଜା ମୁଲ୍ ହେଇଛେ । ଇତାର୍‌ସହେତେ ମଣ୍ଡପ୍ ମାନ୍‌କେ ମା’ଙ୍କର୍ ଚକ୍ଷୁଦାନ କରାଯାଇଛେ । ରାଏଜେ ମଣ୍ଡପ୍‌ମାନ୍‌କୁ ଗଲାକାଏଲ୍ ଷଷ୍ଠୀ ପୂଜା ଆର୍ ଶକ୍ତିପୀଠମାନ୍‌କୁ ସପ୍ତମୀ ପୂଜା ହେଇଛେ ।

ସେବା ପର୍ବ ଆର୍‌ଏନ୍‌ୟୁ/ ସମ୍ବଲପୁର

ସେବା ଆଉ ସୁଶାସନ୍ ମନ୍ତ୍ରଥି ପ୍ରେରିତ ହେଇକରି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ସର୍‌କାର୍ ଦେଶେ ପରିବର୍ତ୍ତନ୍ ଆନ୍‌ବାର୍ ଲାଗି ଅହରହ ଚେରେଷ୍ଟା ଜାରି ରଖିଛନ୍ । ସେବା ପର୍ବର୍ ଆଝିର୍ କଡ଼ିଥି ଜାନ୍‌ମା ପ୍ରଧାନ୍‌ମନ୍ତ୍ରୀ ଗତିଶକ୍ତି ଯୋଜ୍‌ନା ଜରିଏ ଭିତିଭୂମି ବିକାଶ୍‌ଥି ଆସିଥିବା ପରିବର୍ତ୍ତନ୍ ବାବ୍‌ଦେ ।

ଇ ଯୋଜ୍‌ନା ଅଧୀନ୍‌ଥି ୫୭ ଟା ମନ୍ତ୍ରଣାଳୟ ଆଉ ୩୬ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ ଗୁଟେ ଡିଜିଟାଲ୍ ପ୍ଲାଟ୍‌ଫର୍ମଥି ଏକ୍‌ଠାନିଆ କାମ୍ କରୁଛନ୍ । ଇ ପ୍ଲାଟ୍‌ଫର୍ମଥି ବହୁତ୍‌ଟେ ଡାଟା ସ୍ତର୍‌କେ ମିଶାଯାଇଛେ । ପ୍ରକଳ୍ପ ମାନ୍‌କର୍ ମୂଲ୍ୟାଙ୍କନ୍ ଲାଗି ନେଟ୍‌ୱାର୍କ ପ୍ଲାନିଂ ଗ୍ରୁପ୍- ଏନ୍‌ପିଜି ଗଠନ୍ କରାଯାଇଛେ । ଇହାଦେତକ୍ ୧୩ ଲାଖ୍ ୫୯ ହଜାର୍ କୋଟି ଟଙ୍କାର୍ ୨ ଶହ ୯୩ ଟା ପ୍ରକଳ୍ପର୍ ମୂଲ୍ୟାଙ୍କନ୍ କରାଯାଇଛେ । ଗତିଶକ୍ତି ଯୋଜ୍‌ନା, ମେପ୍ ଆଉ ଟ୍ରେକିଂ ଜରିଏ ଦ୍ରୁତଗତିଥି ଭିତିଭୂମି ତିଆର୍

କରୁଛେ । ଯେନ୍‌ଟା ୨୦୪୭ତକ୍ ଭାରତ୍‌କେ ଗୁଟେ ବିକଶିତ୍ ରାଷ୍ଟ୍ର କର୍‌ବାର୍‌ଥି ସାହାଜ୍ କର୍‌ବା ।

ବିଶ୍ୱ ହୃତ୍‌ପିଣ୍ଡ ଦିବସ      ଆର୍‌ଏନ୍‌ୟୁ ସମ୍ବଲପୁର୍

'ଗୁଟେ ଗୁଟେ ହୃଦ୍‌ସ୍ପନ୍ଦନ୍ ଜୀବନ୍ ଲାଗି ମୂଲ୍ୟବାନ୍ ଆଏ' ବାର୍ତା ନେଇକରି ଆଏଜ୍ ବିଶ୍ୱ ହୃତ୍‌ପିଣ୍ଡ ଦିବସ ପାଲନ୍ କରାଯାଉଛେ । ହୃଦ୍‌ରୋଗ ବିଷେଥି ଲୁକ୍‌କୁ ସଚେତନ୍ କର୍‌ବାର୍‌ଟା ଆଝିର୍ ଦିବସ୍ ପାଲନ୍‌ର ମୁଲ୍ ଲକ୍ଷ୍ୟ ଆଏ । ପୁର୍‌ଥି ନ ଫି ବଛର୍ ୧୭ ମିଲିୟନ୍ ଲୁକ୍‌କର୍ ହୃଦ୍‌ରୋଗ ସମସ୍ୟା ଲାଗି ଜୀବନ୍ ଯାଉଛେ । ଇଥୁ ୮୦ ପ୍ରତିଶତ୍ ଲୋକ୍ ମଧ୍ୟମ ଆଉ କମ୍ ଆୟ କର୍‌ବାର୍ ଦେଶ୍‌ମାନ୍‌କର୍ ଆନ୍ ।  ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍ ତର୍‌ଫୁ ୧୯୯୭ ମସିହାନୁ ହୃତ୍‌ପିଣ୍ଡ ଦିବସ୍ ପାଲନ୍ କରାଯାଉଛେ ।

ଆର୍‌ଡିସି-ନୂଆପଡ଼ା      ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ବିଧାନ୍‌ସଭା ଉପ ନିର୍ବାଚନ୍ ଲାଗି ଉତରାଂଚଲ୍ ରାଜସ୍ୱ କମିଶନର୍ ସଚିନ ରାମଚନ୍ଦ୍ର ଯାଦବ୍ ନୂଆପଡ଼ା ଗସ୍ତ କରିକରି ଜିଲ୍ଲାପାଲ୍, ଆରକ୍ଷୀ ଅଧିକ୍ଷକ୍ ଆଉ ପ୍ରଶାସନ୍‌ର ବରିଷ୍ଠ ଅଧିକାରୀ ଆଉ

ମାନ୍ୟତା ପାଇଥିବା ଭିନ୍ ଭିନ୍ ରାଜନୈତିକ୍ ଦଲର୍ ପ୍ରତିନିଧି ମଣ୍ଡଲ୍ ସଙ୍ଗେ ଆଲୋଚନା କରିଛନ୍ । ଜିଲ୍ଲା ସମ୍ମିଲନୀ କକ୍ଷ ନ ହେଇଥିବା ବୈଠକ୍‌ଥି ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍ ଅଧ୍ୟକ୍ଷତା କରିଥିଲେ । ନୂଆପଡ଼ା ନ ଚିଠା ଭୋଟର୍ ତାଲିକା ବାହାରି ସାରିଛେ । ଇ ନିର୍ବାଚନ୍ ମଣ୍ଡଲୀ ନ ମୋଟ୍ ୩ ଶହ ୫୮ ଟା ଭୋଟ୍ କେନ୍ଦ୍ର ରହିଛେ ଆଉ ସବୁ କେନ୍ଦ୍ର ନ ପ୍ରାଥମିକ ଶିକ୍ଷକ୍ ବି.ଏଲ୍.ଓ. ଭାବେ ନିଯୁକ୍ତ ହେଇଛନ୍ ।

ଏସିଆ କପ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଏସିଆ ଟି-ଟ୍ୱେଂଟି କ୍ରିକେଟ୍ ଟୁର୍ଣ୍ଣାମେଂଟ୍‌ଥି ଗଲାକାଏଲ୍ ଭାରତ୍ ୯ ନମ୍ବର୍ ଥର୍ ଲାଗି ଚମ୍ପିଆନ୍ ହେଇଛେ । ଟୁର୍ଣ୍ଣାମେଂଟ୍‌ଥି ଗଲାକାଏଲ୍ ଭାରତ୍-ପାକିସ୍ତାନ୍ ଭିତ୍‌ରେ ଫାଇନାଲ୍ ମେଚ୍ ଖେଲାଯାଇଥିଲା । ପାକିସ୍ତାନ୍ ଦଲ୍ ପହେଲା ବେଟିଂ କରିକରି ସବୁ ୱିକେଟ୍ ହରେଇକରି ଶହେ ୪୬ ରନ୍ କରିଥିଲା । ତାର୍ ଜବାବ୍ ଭାରତ୍ ୧୯ ଦଶ୍‌ମିକ୍ ୪ ଟା ଓଭର୍‌ଥି ୫ ୱିକେଟ୍‌ଥି ଜିତିକରି ଟୁର୍ଣ୍ଣାମେଂଟ୍ ଚମ୍ପିଆନ୍ ହେଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ପଶ୍ଚିମ ଆଉ ତାକେ ଲାଗି କରି ଥିବା କେନ୍ଦ୍ରୀୟ ବଙ୍ଗୋପ୍ ସାଗର୍ ନ ହେଇଥିବା ଲଘୁଚାପ୍ ଲାଗି ରାଜ୍ୟର୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ସେଆଡ଼େ ଆଏବା ବୁଧବାର୍ ୧ ତାରିଖ୍ ଦିନ ବଙ୍ଗୋପ୍ ସାଗର୍ ନ ଆଉ ଗୁଟେ ଘୂର୍ଣ୍ଣିବଳୟ ହେବାର୍ ସମ୍ଭାବନା ଅଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଜବର୍ ବର୍ଷା ହେବାର୍ ଅନୁମାନ୍ କରାଯାଇଛେ ।